# ୨୫ ଲକ୍ଷ ଟଙ୍କାରେ ବ୍ରହ୍ମପୁରରେ ଖୋଲିବ ପଞ୍ଚକର୍ମ ଶାଖା

ବ୍ରହ୍ମପୁର, ୨୧।୭ (ସମିସ)

ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ବିଭିନ୍ନ ସ୍ଥାନରେ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ପଞ୍ଚକର୍ମ ଚିକିତ୍ସାର ସୁବିଧା ରହିଛି। ସେହିପରି ବ୍ରହ୍ମପୁରରେ ଥିବା ଜିଲ୍ଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟ ଏକ ପଞ୍ଚକର୍ମ ୟୁନିଟ କାର୍ଯ୍ୟକ୍ଷମ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଡିପିଆର ପ୍ରସ୍ତୁତ କରି ଖୁବଶୀଘ୍ର ପ୍ରଦାନ କରିବାକୁ କେଏଟିସ ଆୟୁର୍ବେଦ ମହାବିଦ୍ୟାଳୟ ଓ ଜିଲ୍ଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କୁ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚିକିତ୍ସାର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ୨୫ଲକ୍ଷ ଆର୍ଥିକ ଅନୁଦାନ ପ୍ରଦାନ କରାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ସେଥି ମଧ୍ୟରୁ ୬୦ଭାଗ ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବାକୁ ଥିବାବେଳେ ଅବଶିଷ୍ଟ ୪୦ଭାଗ ଅର୍ଥ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏହି ୟୁନିଟ'ଟି ଜାତୀୟ ଆୟୁଷ ମିଶନ ଅଧିନରେ ରହିବ। ୟୁନିଟରେ ପାଞ୍ଚଟି କର୍ମ ତଥା ଗମନ, ବିରେଚନ, ବସ୍ତି, ବର୍ଷିୟଓ ରକ୍ତମୁକ୍ଷଣ ପଦ୍ଧତିରେ ଚିକିତ୍ସା ହେବ। ଏଥିମଧ୍ୟରୁ ୩ରୁ ୪ଟି ପଦ୍ଧତିରେ ପଞ୍ଚକର୍ମ ଚିକିତ୍ସା ଆରମ୍ଭ ହେବାର ସମ୍ଭାବନା ରହିଛି। ଏହାସହ ରୋଗୀଙ୍କୁ ଔଷଧ ମଧ୍ୟ




## ପକ୍ଷାଘାତ ରୋଗୀ ହେବେ ଉପକୃତ

ବିତରଣ କରାଯିବ। ଥାଇରଏଡ୍, ରକ୍ତଚାପ ଏବଂ ପିସିଓଡି




ପରି ଅନେକ ହରମୋନ୍ ସମସ୍ୟାର ଗ୍ରାଫ୍ ମହିଳାମାନଙ୍କ ଠାରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହାର ମୁଖ୍ୟ କାରଣ ହେଉଛି ମାନସିକ ଚାପ ଓ ନିଦ୍ରା ଅଭାବ। ମାନସିକ ଚାପ ଯୋଗୁଁ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ, ହରମୋନ୍ ଅସନ୍ତୁଳିତ ହୋଇଯାଏ ଏବଂ ମହିଳାମାନଙ୍କ ଠାରେ ଅସନ୍ତୋଷ, ମୁଡ୍ ସୁଇଙ୍ଗ୍, ପିରିୟଡ୍ ଅନିୟମିତତା ଓ ମୋଟାପଣ ଭଳି ସମସ୍ୟା ଦେଖାଯାଏ। ଏହି ଅସୁବିଧା ଅନ୍ୟ ରୋଗକୁ ନିମନ୍ତ୍ରଣ କରିଥାଏ। ଏହାସହ ଏହି ଚିକିତ୍ସା ପଦ୍ଧତି ଦ୍ୱାରା ବହୁ ପୁରୁଣା ରୋଗରୁ ମଧ୍ୟ ରୋଗୀ ସ୍ୱସ୍ଥ ହୋଇପାରିବେ। ପଞ୍ଚକର୍ମ ଚିକିତ୍ସା ସୁବିଧା ଫଳରେ ମୁଖ୍ୟତଃ ପକ୍ଷାଘାତ ରୋଗୀ ଅଧିକ ଉପକୃତ ହେବେ ବୋଲି ଜିଲ୍ଲା ଆୟୁର୍ବେଦ ମୁଖ୍ୟ ଚିକିତ୍ସାଧିକାରୀ ଡା. ରାମଚନ୍ଦ୍ର ବେହେରା କହିଛନ୍ତି। ଡିପିଆର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଥିବା ବେଳେ ଖୁବଶୀଘ୍ର ଏହି ୟୁନିଟ ଆରମ୍ଭ କରାଯିବ। ପୂର୍ବରୁ କେଏଟିଏସ ମହାବିଦ୍ୟାଳୟରେ ଏହି ପଦ୍ଧତିରେ ଡାକ୍ତର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଉଛି। ୟୁନିଟ ସ୍ଥାପନ ଦ୍ୱାରା ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହିତ ହେବା ସହ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଡ଼ା. ବେହେରା କହିଛନ୍ତି।

# ବିବାହର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରୀରିକ ସମ୍ପର୍କ; ଯୁବକ ଗିରଫ

ବ୍ରହ୍ମପୁର,୨୧।୭ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖି ପରେ ପ୍ରତାରଣା କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ କେ. ନୂଆଗାଁ ଥାନା ଅନ୍ତର୍ଗତ ଗୌଡ ଗାଁ ନୂଆସାହିର ଆକାଶ କୁମାର ସାହୁ। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ଯେ ଗୋଷାଣିନୂଆଗାଁ ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ କୌଣସି କାରଣରୁ ଝଗଡା ହେବା ପରେ ନିଜର ୯ ବର୍ଷର ଛୁଆକୁ ସାଙ୍ଗରେ ନେଇ ନିଜ ମା'ଘରେ ରହିଆସୁଛନ୍ତି। ୨୦୨୪ମସିହା ଡିସେମ୍ବରରେ ବ୍ରହ୍ମପୁର ଏମକେସିଜି ମେଡିକାଲ ନିକଟରେ ସମ୍ପୃକ୍ତ ମହିଳାଙ୍କ ସହ ଅଭିଯୁକ୍ତ ଆକାଶର ସାକ୍ଷାତ ହୋଇଥିଲା। ଏହି ସମୟରେ ମହିଳାଙ୍କୁ ଆକାଶ ଫୋନ ନମ୍ବର ମାଗିଥିଲେ ହେଁ ମହିଳା ଜଣକ ନମ୍ବର ଦେଇନଥିଲେ। ପରେ ଇନଷ୍ଟାଗ୍ରାମରେ ସମ୍ପୃକ୍ତ ମହିଳାଙ୍କୁ ଆକାଶ ମେସେଜ କରିଥିଲେ। ବାରମ୍ବାର ମେସେଜ ପରେ ମହିଳାଙ୍କ ସହ ଆକାଶର ବନ୍ଧୁତା ହୋଇଥିଲା। କିଛିଦିନ ପରେ ଗୋଷାଣିନୂଆଗାଁରେ ରହୁଥିବା ମହିଳାଙ୍କ ଘରକୁ ଆକାଶ ଯିବା ଆସିବା ଆରମ୍ଭ କରିଥିଲା। ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡସ୍ଥିତ ଏକ ଲଜକୁ ଆକାଶ ସମ୍ପୃକ୍ତ ମହିଳାଙ୍କୁ ସାଙ୍ଗରେ ନେଇଥିଲେ। ସେଠାରେ ମହିଳାଙ୍କୁ ବିବାହ କରିବା ନେଇ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ଉକ୍ତ ମହିଳାଙ୍କୁ ନେଇ ଆକାଶ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଇଥିଲା। ତେବେ ନିକଟରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏବଂ ଆକାଶ ସମ୍ପୃକ୍ତ ମହିଳାଙ୍କ ସହ ଯୋଗାଯୋଗ ବନ୍ଦ କରିବା ସହିତ ବିଭିନ୍ନ ଧମକଚମକ ଦେଇଥିଲେ। ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରଣା କରିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ ମହିଳା ଜଣକ। ମହିଳାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଆକାଶକୁ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ କହିଛି।

# ରୋଗୀ ମୃତ୍ୟୁ ନେଇ ଡାକ୍ତରଙ୍କୁ ମାଡ଼, ଥାନାରେ ଏତଲା

ବ୍ରହ୍ମପୁର,୨୧।୭ (ସମିସ): ଏମକେସିଜି ମେଡ଼ିକାଲ ଆଶୁ ଚିକିତ୍ସା ବିଭାଗରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ପାଟିତୁଣ୍ଡ ହୋଇଛି। ଏନେଇ କାର୍ଯ୍ୟରତ ଜଣେ ହାଉସସର୍ଜନ ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଫଳରେ ମେଡ଼ିକାଲରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମାଡ଼ ମାରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ଅଞ୍ଚଳର ବିଶ୍ୱରଞ୍ଜନ ନାୟକ(୨୯) ନାମକ ଜଣେ ଯୁବକ କୌଣସି କାର୍ଯ୍ୟରେ ଗୋଳନ୍ଥରା ଥାନା ଅଞ୍ଚଳରେ ଥିବା ମାଝିଗାଁକୁ ଆସିଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସେଠାରୁ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମେଡ଼ିକାଲରେ ରୋଗୀଙ୍କ ସମ୍ପର୍କୀୟ ଉତ୍ତେଜିତ ହୋଇ ଡାକ୍ତର କେ. ଅନୁରାଗଙ୍କୁ ମାଡ଼ ମାରିଥିବା ବେଳେ ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ଘଟଣା ସମ୍ପର୍କରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଡାକ୍ତର ଅନୁରାଗ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ପଚରାଉଚରା କରି ଛାଡ଼ିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ କିଛି ସର୍ଜନ ଡାକ୍ତର ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରିଥିବା ବେଳେ ସୁରକ୍ଷା ମାଗିଥିଲେ।

## ଭଞ୍ଜନଗରରେ ଜିଲ୍ଲାପାଳ-ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି

# ୨୧୭ ଅଭିଯୋଗରୁ ୫ଟିର ତ୍ୱରିତ ଫଇସଲା

ଭଞ୍ଜନଗର,୨୧।୭ (ସମିସ): ଉପଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଖଣ୍ଡସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଏସପି ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ସବୁକୁ ଶୁଣିଥିଲେ। ସୋମବାର ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହି ଅନେକ ବ୍ୟକ୍ତିବିଶେଷ ନିଜ ନିଜର ଅଭିଯୋଗ ଜିଲ୍ଲାପାଳ ଓ ଏସପିଙ୍କ ନିକଟରେ ଉପସ୍ଥାପନ କରିଥିଲେ। ମୋଟ ୨୧୭ଟି ଅଭିଯୋଗ ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଶୁଣାଣି ପାଇଁ ଆସିଥିବାବେଳେ ଏଥିରୁ ୨୦୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ତେବେ ମୋଟ ୧୪ଟି ବିଭିନ୍ନ ସମସ୍ୟା ଭିତ୍ତିକ ଅଭିଯୋଗ ଆସିଥିବାବେଳେ ଏସବୁର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଗମ୍ଭୀର ଥିବା ଜଣାପଡିଥିଲା। ୫ଟି ମାମଲାର ତ୍ୱରିତ ଫଇସଲା କରାଯାଇଥିଲା। ସେହିପରି ଜିଲ୍ଲା ରେଡକ୍ରସ୍ ଫଣ୍ଡରୁ ୨ଜଣଙ୍କୁ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନେକ ଅସହାୟ ମହିଳା, ବୃଦ୍ଧ, ବୃଦ୍ଧା ଓ ବିଧବା ଏବେବି ଭତ୍ତା ପାଇ ଆବେଦନ କରୁଥିବା ଦେଖିବାକୁ ମିଳିଥିଲା। କିଛି ବ୍ୟକ୍ତିବିଶେଷ ନିଜ ପରିବାର ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ




ନଥିବା ଅଭିଯୋଗ ଆଣି ତୁରନ୍ତ ପକ୍କା ଘର ଖଣ୍ଡେ ଯୋଗାଇଦେବାକୁ ଦାବି କରିଥିଲେ। ମୋ ଘର ଯୋଜନାରେ ବ୍ୟାଙ୍କରୁ ଋଣ ଆଣି ଘର ତିଆରି କରିଥିବା ଜଣେ ଯୁବକ ଏଯାଏଁ ତାଙ୍କର ସବସିଡ୍ ଟଙ୍କା ଆସିନଥିବା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅଭିଯୋଗ ଶୁଣାଣୀକୁ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ସଂଯୋଜନା କରିଥିବାବେଳେ ଖୋଦ୍ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଏଡିଏମ୍ ତଥା ଭାରପ୍ରାପ୍ତ ଡୁଡା ପିଡି ଦେବଦତ୍ତ ପଣ୍ଡା, ଏପିଡି ବିଜୟ ବେହେରା, ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାର ସମସ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଟ୍ରେନ୍‌ରୁ ନାବାଳକକୁ ଉଦ୍ଧାର କଲେ ସମାଜସେବୀ



ପାରଳାଖେମୁଣ୍ଡି, ୨୧।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ରେଳଷ୍ଟେସନ୍‌ରୁ ଆଜି ଏକ ମାନବିକତାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ପୁରୀ-ଗୁଣୁପୁର ଟ୍ରେନରେ ଫେରୁଥିବା ପାରଳାଖେମୁଣ୍ଡିର ଜଣାଶୁଣା ସମାଜସେବୀ ମନୋଜ ପଟ୍ଟନାୟକ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଲା ଭଳି କାମଟିଏ କରିଛନ୍ତି। ଉକ୍ତ ଟ୍ରେନ୍‌ରେ ଶ୍ରୀ ପଟ୍ଟନାୟକ ଏସି ବଗିରେ ଆସୁଥିବା ବେଳେ ଜଣେ ନାବାଳକ ବିନା ଯୋତାରେ ବସି ରହିଥିବାର ଦେଖିବାକୁ ପାଇଥିଲେ। ତେବେ ଆନ୍ଧ୍ରର ଇଚ୍ଛାପୁର ଷ୍ଟେସନ ନିକଟରେ ସେହି ନାବାଳକ ଉପରେ ଶ୍ରୀ ପଟ୍ଟନାୟକଙ୍କ ନଜର ପଡିଥିଲା। କେଉଁ କାରଣରୁ କେଉଁଠାକୁ ଆସୁଥିବା ବିଷୟରେ ନାବାଳକକୁ ପଚାରିବାରୁ ସେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଯାଉଥିବା ଏବଂ ଭୁବନେଶ୍ୱରରୁ ଆସୁଥିବାର କହିଥିଲା। ଟ୍ରେନ୍‌ରେ ନା ଅନ୍ୟକୌଣସି ଯାତ୍ରୀ ନାବାଳକ ଉପରେ ଧ୍ୟାନ ଦେଇଥିଲେ, ନା ଟିଟି, ଜିଆରପି, ଆରପିଏଫ୍ କେହି ମଧ୍ୟ ନଥିବାରୁ ନିଜ ହେପାଜତରେ ଶ୍ରୀ ପଟ୍ଟନାୟକ ନାବାଳାକକୁ ପାରଳାଖେମୁଣ୍ଡି ଆଣିବା ସହ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ହସ୍ତାନ୍ତର କରିଥିଲେ। ଘଟଣା ଜାଣିବାପରେ ପାରଳାଖେମୁଣ୍ଡି ରେଳଷ୍ଟେସନରେ ଅନେକ ଯାତ୍ରୀ ସ୍ଥାନୀୟ ଲୋକ ଜମା ହେବା ସହ ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନ ମଧ୍ୟ ପହଞ୍ଚି ନାବାଳକ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥାର କରିବା ସହ ଉଦ୍ଧାର କରିଥିବା ଶ୍ରୀ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଥିଲେ। କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପ୍ରେରିତ ସୁପରଭାଇଜର ସୁରଜ ଲିମ୍ମା ଓ କାଉନସିଲର ଡନଟନ ରାଉଳ ନାବାଳକକୁ ନିଜ ହେପାଜତରେ ନେବା ସହ ଉଦ୍ଧାର ନାବାଳକର ଅଭିଭାବକଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳବାର ନାବାଳକକୁ ତାର ପରିବାରବର୍ଗ ପହଞ୍ଚିବା ପରେ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ବହିଷ୍କାର ଦାବିରେ ବିଜେପି ସମର୍ଥକଙ୍କ ଧରଣା

ବ୍ରହ୍ମପୁର/ଛତ୍ରପୁର,୨୧।୭ (ସମିସ): ଗଞ୍ଜାମ ଜିଲ୍ଲାପାଳଙ୍କ ବହିଷ୍କାର ଦାବିରେ କିଛି ବିଜେପି ନେତା ଛତ୍ରପୁରସ୍ଥିତ ତାଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ବିରୋଧୀ ଦଳର ହାତ ବାରିସି ସାଜିଥିବା ଓ ଗଣତନ୍ତ୍ରର ହତ୍ୟା କରୁଥିବା ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାସକ ଦଳ ତଥା ଭାଜପାର କିଛି ମଣ୍ଡଳ ସଭାପତି ଏବଂ କର୍ମକର୍ତ୍ତା ହାତରେ ଫ୍ଲାଗକାର୍ଡ ଧରି ଧାରଣା ଦେଇଛନ୍ତି। ଜିଲ୍ଲାପାଳଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଦୁର୍ନୀତି ନିବାରଣ ସକାଶେ ଏକ ଦାବିପତ୍ର ଦେବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦେବାକୁ ଆସିଥିଲୁ। ମାତ୍ର ଦିନତମାମ ତାଙ୍କୁ ଜଗି ରହିଥିଲୁ। ଜିଲ୍ଲାପାଳ ଆସିବେ ବୋଲି କହିଥିଲେ। କିନ୍ତୁ ଆସିଲେ ନାହିଁ। ଶେଷରେ ବାଧ୍ୟ ହୋଇ ଆମେ ଧାରଣାରେ ବସିଲୁ ବୋଲି ଧାରଣାରତ୍ତ ବିଜେପି ନେତାମାନେ କହିଛନ୍ତି। ସେମାନଙ୍କ ଅଭିଯୋଗ ପ୍ରକାରେ ହିଞ୍ଜିଳି ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ନୀତି ନିବାରଣ ଓ ପଞ୍ଚାୟତ ଗୁଡିକ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ସୁଚାରୁରୂପେ ସମ୍ପାଦନ କରିବା ସକାଶେ ତାଙ୍କ କାର୍ଯ୍ୟାଳୟ ପତ୍ର ୪୪୦୬/ଇଏସଟି/ଏକ୍ସଆଇଭି-୧୫/(୨୫) ତା ୧୭. ୭. ୨୦୨୫ରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ସକାଶେ ଉଲ୍ଲେଖ କରିଥିଲେ। କିନ୍ତୁ ଅତ୍ୟନ୍ତ ଦୁଃଖଦ ଓ ଅନୁତାପର ବିଷୟ ଜିଲ୍ଲାପାଳ କିଛି ବିଜେଡି ସମର୍ଥିତ ସରପଞ୍ଚ ଓ ନେତାଙ୍କ କଥା ଶୁଣି ସମ୍ବିଧାନିକ ଗାରିମାକୁ ହସ୍ତକ୍ଷେପ କରି ଦୁର୍ନୀତିକୁ ସହଯୋଗ କରୁଥିବା ଏଠାରେ ଅଭିଯୋଗ ହୋଇଛି। ଏଣୁ ପଞ୍ଚାୟତରେ ହେଉଥିବା ଦୁର୍ନୀତିକୁ ଆଖି ଆଗରେ ରଖି ଉଚିତ ପଦକ୍ଷେପ ନେବାକୁ ଏମାନେ ଅନୁରୋଧ କରିଛନ୍ତି। ଖବର ଲେଖିବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିବା ସୂଚନା ମିଳିଛି। ଏନେଇ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



# ମୃତ କାଉସିଲରଙ୍କ ପରିବାରକୁ ପୂର୍ବତନ ବିଧାୟକଙ୍କ ସହାୟତା



ବ୍ରହ୍ମପୁର,୨୧।୭ (ସମିସ): ଗୋପାଳପୁର ଏନଏସି ୩ନଂ ୱାଡର୍ କାଉସିଲର ମୃତ ବି.ଗୋପାଳ କ୍ରିଷ୍ଣାଙ୍କ ପରିବାରକୁ ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ସାକ୍ଷାତ କରି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। କାଉସିଲରଙ୍କ ମୃତରେର ସେ ଗଭୀର ଶୋକ ପ୍ରକାଶ କରିଛନ୍ତି। ପରିବାର ଲୋକଙ୍କୁ ୧୦ ହଜାର ଟଙ୍କା ସହାୟତ ରାଶି ପ୍ରଦାନ କରିଛନ୍ତି। ସାକ୍ଷାତ ବେଳେ ସ୍ଥାନୀୟ ଏନଏସି ଅଧକ୍ଷ ଏ.ଜାନକୀ ରାମ, ଜିଲ୍ଲା ପରିଷଦ ଉପାଧକ୍ଷା ଏସ ରାଜେଶ୍ୱରୀ ଦୋରା, ବିଜେଡ଼ି ବ୍ଲକ ସଭାପତି ଅଜିତ କୁମାର ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ରାମହରି ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଶୂନ୍ୟଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ




ବ୍ରହ୍ମପୁର,୨୧।୭ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସର ନିଲମ୍ବିତ ସଭାପତି ଜଣେ ଧର୍ଷଣକାରୀ ବୋଲି ବୋଲି ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ଏ ଅବସରରେ କଂଗ୍ରେସର ବିଭିନ୍ନ କର୍ମକର୍ତ୍ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିକ୍ଷୋଭରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତୁତୁନ ପାତ୍ର, ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରବି ରାଓ, ସୋମନାଥ ପାତ୍ର, ସମ୍ପାଦକ କମଲ ପାତ୍ର, କିଶୋର କୁମାର ସାହୁ, ମଣ୍ଡଳ ସଭାପତି ଶକ୍ତି ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଜିଲ୍ଲା ସମ୍ପାଦିକା ଏସ୍.ରାଣୀ, ବିଜେପି ନେତା ପୀତବାସ ପଣ୍ଡା, ସୁନିଲ କୁମାର ସାହୁ, ଅମର ସାହୁ, ଶିରିଡ଼ି ବିକ୍ରମ, ଶୀତଲ ଜେନା, ଦେବୁନ ପଟ୍ଟନାୟକ, ମନୋଜ ମହାରଣା, ଲିପୁନ ପଟ୍ଟନାୟକ, ସୁମିତ ପାତ୍ର ଓ ମନୋଜ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ୭୪ତମ ସାହାଣୀ କପ୍ ଫୁଟ୍‌ବଲ

# ଶେଷ ଲିଗ୍ ମ୍ୟାଚରେ କୋରାପୁଟ ଓ ମୟୂରଭଞ୍ଜ ବିଜୟୀ

ବ୍ରହ୍ମପୁର,୨୧।୭ (ସମିସ)

ଗଞ୍ଜାମଜିଲ୍ଲା ଫୁଟବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ୭୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଆନସିପ 'ସାହାଣୀ କପ୍'-୨୦୨୫ର ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଜୋନରେ ଖେଳା ଯାଉଥିବା ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସରେ ପ୍ରଥମ ମ୍ୟାଚ କୋରାପୁଟ ଓ ରାୟଗଡା ମଧ୍ୟରେ ହୋଇଥିଲା। ଏଥିରେ କୋରାପୁଟ ଦଳ ପ୍ରତିପକ୍ଷ ରାୟଗଡାକୁ (୪-୦) ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟ ହାସଲ କରିଥିଲା। ଖେଳର ପ୍ରଥମାର୍ଦ୍ଧରେ କୋରାପୁଟ ଦଳର ମଧୁ ଜାନି, ଜିତୁ ମୁଦୁଲି ଓ ଜଗତ ପାଲି ଯଥାକ୍ରମେ ୯, ୨୩ ଓ ୨୪ମିନିଟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ୩-୦ଗୋଲରେ ଅଗ୍ରଣୀ କରାଇଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ପୁଣି ଦଳ ପକ୍ଷରୁ ମନୋଜ ହନ୍ତାଳ ୪୬ମିନିଟରେ ଅଉ ଗୋଟିଏ ଗୋଲ ସ୍କୋର କରିଥିଲେ। ଖେଳ ଶେଷ ସୁଦ୍ଧା ରାୟଗଡା ଦଳ କୌଣସି ଗୋଲ ସ୍କୋର କରିବାରେ ସକ୍ଷମ ହୋଇନଥିଲା। ଫଳରେ କୋରାପୁଟ ଦଳ ପ୍ରତିପକ୍ଷ ରାୟଗଡା ଦଳକୁ ୪-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ରେଫେରୀ ଭାବେ ଲକ୍ଷ୍ମଣ ସେଠ, ପରେଶ ଭୋଇ, ଅମିତ ସିଂ ଓ ସୁଜିତ ରାଜହଂସ ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ ମାଲକାନଗିରି ଓ ମୟୁରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୁରଭଞ୍ଜ ଦଳ ପ୍ରତିପକ୍ଷ ମାଲକାନଗିରିକୁ (୫-୦)ଗୋଲରେ ପରାସ୍ତ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ମୟୁରଭଞ୍ଜ ଦଳ ପକ୍ଷରୁ ବୀରସିଂ ନାୟକ, ଠାକୁର ମୁର୍ମୁ ଓ ଗଣେଷ ସୋରେନ ଯଥାକ୍ରମେ ୨୫, ୩୪ ଓ ୪୨ମିନିଟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପରେ ପୁଣି ଦ୍ୱିତୀୟାର୍ଦ୍ଧରେ ମୟୁରଭଞ୍ଜ ଦଳ ପକ୍ଷରୁ ରାଇସେନ ଟୁଡୁ ଓ ମାନସିଂ ମାଝୀ ଯଥାକ୍ରମେ ୭୧ ଓ ୮୦ମିନିଟରେ ଆଉ ଦୁଇଟି ଗୋଲ ସ୍କୋର କରି ଦଳକୁ ୫-୦ରେ ଅଗ୍ରଣୀ କରିଥିଲେ। ଖେଳ ଶେଷ ସୁଦ୍ଧା ପ୍ରତିପକ୍ଷ ମାଲକାନଗିରି ଦଳ କୌଣସି ଗୋଲ ସ୍କୋର କରିପାରିନଥିଲା। ଦ୍ୱିତୀୟ ମ୍ୟାଚରେ ରେଫେରୀ ଭାବେ ନିତ୍ୟାନନ୍ଦ ମେହେର, ଜଗନ୍ନାଥ ମାଝୀ, ଦିଗବିଜୟ ଦାସ ଓ ବଳରାମ ସାଏ ମ୍ୟାଚ ପରିଚାଳନା କରିଥିଲେ। ଉଭୟ ମ୍ୟାଚର କମିଶନର ଭାବେ ସୁଜିତ କୁମାର ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଅତିଥିଭାବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ଡି. ଆପ୍ପା ରାଓ, ଗୋପାଳ ଚନ୍ଦ୍ର ପଣ୍ଡା ଓ ଲକ୍ଷ୍ମୀକାନ୍ତ ପାତ୍ର ଯୋଗ ଦେଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଫୁଟବଲ ଖେଳାଳୀ ରାଜେନ୍ଦ୍ର ଗନ୍ତାୟତ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ନବ କିଶୋର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ।

## ୨୩ରେ ବ୍ରହ୍ମପୁର ଜୋନର କ୍ୱାର୍ଟର ଫାଇନାଲରେ କୋରାପୁଟ-ଭୁବନେଶ୍ୱର

୨୩ତାରିଖ ବୁଧବାର ଟୁର୍ଣ୍ଣାମେଣ୍ଟର ବ୍ରହ୍ମପୁର ଜୋନର କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। କ୍ୱାର୍ଟର ଫାଇନାଲକୁ ଭୁବନେଶ୍ୱର ଓ କୋରାପୁଟକୁ ଉନ୍ନିତ ହୋଇଥିବା ସୂଚନା ମିଳିଛି। ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେଉଥିବାରୁ ଦିନକୁ ଦିନ ପ୍ରତ୍ୟେକ ମ୍ୟାଚ ରୋମାଞ୍ଚକର ହେଉଛି। ଯାହାକୁ ନେଇ ସହରର କ୍ରୀଡାବିତ ଓ ଖାସ କରି ଫୁଟବଲ ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି।

# ମଧୁମେହ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୨୧।୭ (ସମିସ): ହରିହର ନଗରସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ମଧୁମେହ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ମଧୁମେହରୁ ମୁକ୍ତ ପାଇଁ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ଉଷ୍ମଜଳରେ ଲେମ୍ବୁ ଲୁଣ ସର୍ବତ ପାନ, ପ୍ରାତଃ ଭ୍ରମଣ, ଯୋଗାସନ, ପ୍ରାଣାୟାମ କରିବାକୁ ପରାମର୍ଶ ଦେଇଥିଲେ। ଖାଦ୍ୟରେ ଗଜାମୁଗ, ସୋଲା, ବିଟ, ଗାଜର, ମୂଳା, ପିଆଜ, କାକୁଡି ସାଲାଡ଼ ପଚିଶ ପ୍ରତିଶତ ଖାଇବେ, ତେଲ, ଆମିଷ, କ୍ଷୀର ଜାତୀୟ ସମସ୍ତ ଖାଦ୍ୟ ଓ ଚିନ୍ତା ମୁକ୍ତ ଜୀବନ ବିତାଇଲେ ଶୀଘ୍ର ମଧୁମେହ, ରକ୍ତଚାପ, କୋଲେଷ୍ଟେରଲ୍ ଭଲ ହେଉଥିବା ସୂଚନା ଦେଇଥିଲେ। ଏ ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ୍ତ, ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ। ରୋଗୀଙ୍କୁ ଔଷଧ ବିତରଣ କରାଯାଇଥିଲା। ଶିବିର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ।

### ନିର୍ମାଣର ବର୍ଷେ ପରେ ବି କାମରେ ଆସୁନି 'ବସୁଧା'

# ଜଳକଷ୍ଟରେ ୪୦୦ ପରିବାର

ଫିରିଙ୍ଗିଆ, ୨୧।୭ (ସମିସ)



କେନ୍ଦ୍ର ଏବଂ ରାଜ୍ୟ ସରକାର ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ଏବଂ ଉପାନ୍ତ ଅଞ୍ଚଳ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେଉଁଠି ଠିକାଦାର ହେଉ କି ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ତାହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଚଳ ହୋଇ ପଡ଼ି ରହିଥିବା ଉଦାହରଣ ରହିଛି। କେଉଁଠି ନିର୍ମାଣର ବର୍ଷ ବର୍ଷ ବିତିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିବା ସହ ଲୋକେ ପାଣି ପାଇଁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏମିତି ଏକ ବସୁଧା ଜଳ ପ୍ରକଳ୍ପ ନିର୍ମାଣର ବର୍ଷେ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନଥିବା ବେଳେ ଲୋକେ ପାଣି ଟୋପାଏ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ ସରୁକୋଇ ଗାଁରେ ବର୍ଷେରୁ ଅଧିକ ହେବ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ଧୀନ ବସୁଧା ଜଳ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଛି। ଏଥିଯୋଗୁଁ ସରୁକୋଇ ଗାଁ ଅଞ୍ଚଳର ମାଦିପଡ଼ା, କାମ୍ବ୍ରାସାହି, ଫିରିଙ୍ଗିପଦର, ନେଡିସାହି, ମଲିକସାହି, କଲନିସାହି, ଦଳିତ ସାହି, ଭଳି ୩ ୱାର୍ଡର ୮ରୁ ୯ଗାଁର ପ୍ରାୟ ୪ ଶହରୁ ଅଧିକ ପରିବାର ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାରି ନଳକୂପ ଥିଲେ ମଧ୍ୟ ସେଥିରୁ ଠିକ ଭାବେ ପାଣି ବାହାରୁ ନାହିଁ। ଗାଁ ସାରା ଟ୍ୟାପ ଲାଗିବା ସହ ପାଇପ ବିଛାଇ ବା ସହ କୁଅ ଖୋଳି ସମସ୍ତ ବ୍ୟବସ୍ଥା ହୋଇଥିବା ବେଳେ ପାଣି ପାଇବା ପୂର୍ବରୁ ବର୍ତ୍ତମାନ ଟ୍ୟାପ ମଧ୍ୟ କିଛି ଘରେ ଭାଙ୍ଗି ଗଲାଣି। ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ବିଭାଗୀୟ ଅଧିକାରୀ ଶୁଣୁନାହାନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଗୋବର୍ଦ୍ଧନ ସାହାଣୀ, ବନମାଳି ସାହାଣୀଙ୍କ ସହ ବହୁ ଗ୍ରାମବାସୀ ଦାବି କରିଛନ୍ତି। ସମସ୍ୟା ସମ୍ପର୍କରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ସମସ୍ତ କାର୍ଯ୍ୟ ସରିଛି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ ସରୁକୋଇ ଗାଁକୁ ଯାଇ ପାଣି ଯୋଗାଣ ବ୍ୟବସ୍ଥା କରିଥିଲେ ମଧ୍ୟ ଗ୍ରାମବାସୀ ପାଣି ପମ୍ପ ଚଳାଇବାକୁ ନେଇ ବିଶୃଙ୍ଖଳା ସୃଷ୍ଟି ହେଉଥିବାରୁ ପାଣି ଚାଲିପାରୁନାହିଁ। ଲୋକଙ୍କୁ ବୁଝାସୁଝା କରି ତୁରନ୍ତ ପାଣି ଚଳାଇବାକୁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ବିକୃତ ଓଡ଼ିଆ ଲେଖାକୁ ନେଇ ଅସନ୍ତୋଷ





କାଶୀନଗର, ୨୧।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିକୃତ ଓ ଅଶୁଦ୍ଧ ଓଡ଼ିଆରେ ନାମଫଳକ, ବିଜ୍ଞାପନ ଲେଖାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ କଲୋନୀ ପରିସରରେ ଥିବା ଶକ୍ତି କାଫେର ନାମଫଳକରେ ଭୋଜନ ତିଆର ବା ଭୋଜନ ପ୍ରସ୍ତୁତ ବଦଳରେ ଭୋଜନ ତିୟାର ଓ ଏକ କାନ୍ଥଲେଖା ବିଜ୍ଞାପନରେ ସଶକ୍ତୀକରଣ ମନ୍ତ୍ରାଳୟ ସ୍ଥାନରେ ସଶକ୍ତିକର ମନ୍ତ୍ରାଳୟ ଲେଖାଯିବା ଏହାର ଉଦାହରଣ ବୋଲି କୁହାଯାଇଛି। ଓଡ଼ିଆ ଭାଷାରେ ତିୟାର ଶବ୍ଦ ନାହିଁ ଓ ସଶକ୍ତିକର ଏବଂ ସଶକ୍ତିକରଣ ମଧ୍ୟରେ ଅର୍ଥଗତ ପାର୍ଥକ୍ୟ ରହିଛି ବୋଲି କହିବା ସହ ଏ ସମ୍ପର୍କରେ ପ୍ରଶାସନ ଅବଗତ ନୁହେଁ କି ବୋଲି ପ୍ରଶ୍ନ କରାଯାଇଛି। ସେହିପରି ମୁକ୍ତା ପ୍ରମୋଦ ଉଦ୍ୟାନର ନାମ ଓଡ଼ିଆରେ ଲେଖା ନଯିବା ଓ ବିଜୁ ପଟ୍ଟନାୟକ ଖେଳ ଭବନର ନାମ ପ୍ରଥମେ ବଡ଼ ବଡ଼ ଇଂରାଜୀ ଅକ୍ଷରରେ ଓ ତା ତଳକୁ ଛୋଟ ଛୋଟ ଓଡ଼ିଆ ଅକ୍ଷରରେ ଲେଖାଯିବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶା ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ପ୍ରଶାସନ ପକ୍ଷରୁ ଶୁଦ୍ଧ ଓଡ଼ିଆ ଲିଖନ ଉପରେ ଗୁରୁତ୍ୱ ଦିଆ ନ ଯିବା ଦୁର୍ଭାଗ୍ୟର ବିଷୟ ଓ ନିନ୍ଦନୀୟ ବୋଲି ଓଡ଼ିଆ ଭାଷାପ୍ରେମୀ କହିଛନ୍ତି।

## ଜିଲ୍ଲା ପ୍ରଶାସନର ମିଳିତ ଜନଅଭିଯୋଗ ଶୁଣାଣି



ନୂଆଗଡ଼, ୨୧।୭ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ନଦୀମୁଠା ଅଞ୍ଚଳର ସମ୍ବଲପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ବ୍ଲକର ପରିମଳ, ସୁନ୍ଦରଡାଙ୍ଗ, ଅନୁଗୁର, ସମ୍ବଲପୁର ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତର ୩୭ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୮ ଓ ଗ୍ରାମଭିତ୍ତିକ ୨୯ ସମସ୍ୟାର ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। ଶୁଣାଣିରେ ମୁଖ୍ୟତଃ ବ୍ଲକର ଅଣକୁଶଳୀ ଶ୍ରମିକଙ୍କୁ ୧୦୦ ଦିନ ପରିବର୍ତ୍ତେ ୩୦୦ ଦିନର କର୍ମ ନିଯୁକ୍ତି ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଂଶୁମାନ ମହାପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରକ ଆଲ୍ଲୀ ସମେତ ଜିଲ୍ଲା ଏବଂ ବ୍ଲକର ସମସ୍ତ ଅଧିକାରୀ, ନୂଆଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ବିଡିଓ ଲୋକନାଥ ଶବର ଓ ତହସିଲଦାର ମୋନାଲିସା ଆଚାର୍ଜି ଉପସ୍ଥିତ ଥିଲେ।

## ବ୍ରାହ୍ମଣ ପରିବାରର ବାର୍ଷିକ ବୈଠକ

ଚକାପାଦ, ୨୧।୭ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ଅଡାବାଡ଼ି ପାର୍କରେ ବ୍ରାହ୍ମଣ ପରିବାରର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଦ୍ୱିତୀକୃଷ୍ଣ ପାଢ଼ୀ, ଉପସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ପ୍ରାଣବନ୍ଧୁ ପଣ୍ଡା, ସହସମ୍ପାଦକ ଅଶ୍ୱିନୀ କୁମାର ପଣ୍ଡା, କୋଷାଧ୍ୟକ୍ଷ ରାଜେଶ କୁମାର ପାଣିଗ୍ରାହୀଙ୍କ ସହ ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ। ଏହି ପରିବାର କିଭଳି ସଂଗଠନ ସୁଦୃଢ଼ କରିବ ଏବଂ ସମାଜକୁ ଆଗେଇ ନେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## କଣ୍ଟେଇକୋଲିରେ ଜୈବିକ କୃଷି ପ୍ରଶିକ୍ଷଣ

ମୋହନା, ୨୧।୭ (ସମିସ): ଗଜପତି ଜିଲ୍ଲା ମୋହନା କଣ୍ଟେଇକୋଲି ଗାଁରେ ଜୈବିକ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସୂୟଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଶିବିରରେ ପ୍ରାନ୍ତ ପ୍ରବନ୍ଧକ ପ୍ରଶାନ୍ତ ଶତପଥୀ, ଜିଲ୍ଲା କାର୍ଯ୍ୟକର୍ତ୍ତା ରଞ୍ଜନ ସାହୁ ଓ ପ୍ରଦୀପ ମଲିକ ଜୈବିକ ଖତ, ଜୀବାମୃତ ଓ କୀଟ ନିୟନ୍ତ୍ରଣ ଉପରେ ଲୋକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସୂୟଶ ଚାରିଟେବୁଲ ଟ୍ରଷ୍ଟ ଗତ ୪୦ ବର୍ଷ ହେଲା ଏହି ଟ୍ରଷ୍ଟର ଅଧ୍ୟକ୍ଷ ୟସରାଜ ଘେଶାସ ଓ ତାଙ୍କ ଝିଅ ଅଧ୍ୟକ୍ଷା ଶାଲକା ଘେଶାସଙ୍କ ନେତୃତ୍ୱରେ ଦେଶର ୭ ରାଜ୍ୟରେ ଜନଜାତି କୃଷକଙ୍କୁ ଜୈବିକ କୃଷି ମାଧ୍ୟମରେ ସ୍ୱାବଲମ୍ବୀ, ସ୍ୱାଭିମାନୀ ଓ ସଦାଚାରୀ କରିବା ପାଇଁ କାର୍ଯ୍ୟ କରାଯାଉଛି।

## ଆଡାବାଡ଼ି ଶାଳବଣରେ ଚାରାରୋପଣ

ଚକାପାଦ, ୨୧।୭ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ଅଡାବାଡ଼ି ଶାଳବଣରେ ଶଙ୍କରାଖୋଲ ଯୁବକ ସଂଘ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ଶିକ୍ଷକ ଏମ୍.ବାଳକୃଷ୍ଣ ଦୋରାଙ୍କ ପ୍ରୟାସରେ ଏହି କାର୍ଯ୍ୟକ୍ରମରେ ବଉଳକୋଳି, ଦେବଦାରୁ, ସ୍ୱର୍ଣ୍ଣଚମ୍ପା, ଛତିଆନା ୨୦ ଚାରାରୋପଣ କରାଯାଇଥିଲା। ଏଥିରେ ସମିତିସଭ୍ୟ କିରାପ ପ୍ରଧାନ, ସାମ୍ବାଦିକ ବାଳକୃଷ୍ଣ କହଁର, ମନୋଜ କୁମାର ଗୌଡ଼, ପ୍ରାଣବନ୍ଧୁ ପଣ୍ଡା, ଅଶ୍ୱିନ ପଣ୍ଡା, ରାଜେଶ ପାଣିଗ୍ରାହୀ, ପ୍ରଗତି ଦାସ, ମଣ୍ଟୁ ବେହେରା, ବାବୁଲା ପାଢ଼ି, କୈଳାସ କହଁର ଯୋଗ ଦେଇଥିଲେ। ଗ୍ରାମର ଫକୀର ପ୍ରଧାନ, ପ୍ରଭାତ କହଁର, ନକୁଳ କହଁରଙ୍କ ସହ ଗ୍ରାମର ଯୁବକ ସହଯୋଗ କରିଥିଲେ।

## ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ବୈକୁଣ୍ଠ ରାଓଙ୍କ ପରଲୋକ

କାଶୀନଗର, ୨୧।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ଏନଏସିର ପୂର୍ବତନ ଅଧ୍ୟକ୍ଷ ବୈକୁଣ୍ଠ ରାଓଙ୍କ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ଏକ ଘରୋଇ ହସ୍ପିଟାଲରେ ସୋମବାର ସକାଳେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁରେ କାଶୀନଗରରେ ଶୋକର



ଛାୟା ଖେଳି ଯାଇଛି। ଶ୍ରୀ ରାଓ ୧୯୯୭ ମସିହାରେ କାଶୀନଗର ଏନଏସିରେ ଅଧ୍ୟକ୍ଷ ଓ ୨୦୧୩ ମସିହାରେ ଉପାଧ୍ୟକ୍ଷ ରହିଥିଲେ। ଏଥିସହ ଜିଲ୍ଲା ପ୍ଲାନିଂ କମିଟି ମେମ୍ବର ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତଦେହ କାଶୀନଗରସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ଏନଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ସାଂସଦ ପ୍ରତିନିଧି ଆର.ସତୀଶ କୁମାର, ସ୍ଥାନୀୟ ନେତା ଏଲ୍.ଚନ୍ଦ୍ରରାଓ, ବହୁ ବିଜେପି କର୍ମୀ, ସ୍ଥାନୀୟ ଲୋକେ ତାଙ୍କ ଶେଷ ଦର୍ଶନ କରିଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣକଲେ କଟକ ଜିଲ୍ଲା ଦମ୍ପତି

ପାରଳାଖେମୁଣ୍ଡି, ୨୧।୭ (ସମିସ): ଗଜପତି ଜିଲ୍ଲାରୁ ୭୨ତମ ଶିଶୁକୁ ଆଜି ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ପୋଷ୍ୟ ସନ୍ତାନ ଭାବେ କଟକ ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପିତୃମାତୃହୀନ ଏହି ଶିଶୁକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶକ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ପାରଳାଖେମୁଣ୍ଡି ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଘୋଷଣା କରିଥିଲେ। ଏହାପରେ ଶିଶୁର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ କରାଯାଇଥିଲା। ଉପରୋକ୍ତ ଦମ୍ପତି ଶାରୀରିକ ସ୍ତରରେ ଶିଶୁକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୧୨ ବର୍ଷ ଏବଂ ଶିଶୁପୁତ୍ର। ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଶିଶୁ ମଙ୍ଗଳ ସମିତି ସଦସ୍ୟା ମମତା ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ■ ରୋଗୀଙ୍କୁ ମିଳୁନି ୧୦୮ ଆମ୍ବୁଲାନ୍ସ ସେବା

# ଛଟପଟ ହେଉଛନ୍ତି ଗୁରୁତର ରୋଗୀ

ଫିରିଙ୍ଗିଆ, ୨୧।୭ (ସମିସ): ବିପର୍ଯ୍ୟସ୍ତ ହୋଇପଡ଼ିଛି ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ସେବା। ରୋଗୀଙ୍କୁ ମିଳୁନି ଏହାର ସୁଫଳ। ଆମ୍ବୁଲାନ୍ସ ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳର ଗରିବ ରୋଗୀ। ଆମ୍ବୁଲାନ୍ସକୁ ଅପେକ୍ଷା କରି ସ୍ୱାସ୍ଥ୍ୟକେନ୍ଦ୍ର ପିଣ୍ଡାରେ ଘଣ୍ଟାଘଣ୍ଟା ଧରି ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି ପରିବାର ଲୋକଙ୍କୁ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ସୂଚନା ଅନୁସାରେ, ଫିରିଙ୍ଗିଆ ବ୍ଲକ କେଲାପଡ଼ା ପଞ୍ଚାୟତ ଟୁମୂଲାପଦରଗାଁର ସରୋଜିନୀ କହଁର ବିଲରେ କାମ କରୁଥିବା ବେଳେ ପଡ଼ିଯାଇଥିଲେ। ତାଙ୍କର ବାମ ଗୋଡ଼



ଭାଙ୍ଗିଯାଇଥିଲା। ସ୍ୱାମୀ ଉମାଚରଣ କହଁର ଓ କିଛି ସମ୍ପର୍କୀୟ ତାଙ୍କୁ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମହିଳାଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ କିନ୍ତୁ ୪-୫ ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ୧୦୮ ଆମ୍ବୁଲାନ୍ସ ସେବା ମିଳିପାରି ନଥିଲା। କଲ ସେଣ୍ଟରକୁ କଲ କଲେ କେବଳ ଅପେକ୍ଷା କର ଆମ୍ବୁଲାନ୍ସ ନାହିଁ ବୋଲି ଉତ୍ତର ମିଳିଥିଲା। ମହିଳା ଜଣକ ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ପକ୍ଷେ ବେସରକାରୀ ଆମ୍ବୁଲାନ୍ସ କରିବା ସମ୍ଭବ ହୋଇପାରିନଥିଲା। ଫିରିଙ୍ଗିଆ ପ୍ରେସକ୍ଲବ ସଭାପତି ଉତ୍ତମ ଖମାରି ଓ ସୁବ୍ରତ ମହାନ୍ତି ଖବର ସଂଗ୍ରହ ପାଇଁ ଡାକ୍ତରଖାନାରେ ପହଞ୍ଚିଥିଲେ। ମହିଳାଙ୍କ ଯନ୍ତ୍ରଣା ସହି ନପାରି ବାଧ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅନ୍ୟ ଏକ ଆମ୍ବୁଲାନ୍ସକୁ ନିଜେ ବିଲ ପଇଠ କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ନୁଆ ଘଟଣା ନୁହେଁ; ଆଗରୁ ମଧ୍ୟ ଅନେକ ରୋଗୀ ୧୦୮ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ରହିଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

## ଜୀବନଜ୍ୟୋତି ମହାବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା

ରାଇକିଆ, ୨୧।୭ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟରେ ସୋମବାର ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଉମାକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟ କ୍ଷେତ୍ରରେ ହେଉ କିମ୍ବା ମହାବିଦ୍ୟାଳୟ ସ୍ତରରେ ହେଉ ଯଦି କୌଣସି ମହିଳା, ଛାତ୍ରୀଙ୍କ ପ୍ରତି ଅସଦାଚରଣ ହୁଏ କିମ୍ବା ନିର୍ଯାତନା ଭଳି ସମ୍ବେଦନଶୀଳ ଘଟଣା ଘଟେ ତେବେ ସେମାନେ ନିର୍ଭୟରେ ନିଜର ଅସୁବିଧା ଏବଂ ଅଭିଯୋଗ ଅଧିକାରୀ କିମ୍ବା କମିଟି ନିକଟରେ ଅଭିଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ଶାନ୍ତି



ପ୍ରାର୍ଥନା କରାଯିବା ସହ ନାରୀ ସୁରକ୍ଷାକୁ ଆଧାର କରି ସଚେତନତାର ସ୍ଲୋଗାନ ତଥା ଶପଥ ପାଠ କରାଯାଇଥିଲା। ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଅଧ୍ୟାପକ ତଥା ଆଇସିସି ସଦସ୍ୟ ଦିଲୀପ କୁମାର ନାୟକ ଓ ଜଗନ୍ନାଥ ଦାସ ପରାମର୍ଶ ଦେଇଥିଲେ। ଆଇସିସିର ଛାତ୍ରୀ ସଦସ୍ୟ ଭାବରେ ସାଇଶକ୍ତି ସାହୁ ମଧ୍ୟ ଛାତ୍ରୀ ମାନଙ୍କ ସୁରକ୍ଷା ଉପରେ ନିଜର ମତ ରଖିଥିଲେ। ଆଇସିସି ସମ୍ପାଦିକା ତଥା ଅଧ୍ୟାପିକା ମଞ୍ଜୁଳା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ସନ୍ତୋଷ ନାୟକ, ଭୁବନ ମୋହନ ସାହୁ, ବିଶ୍ୱବିହାରୀ ଦଳେଇ, ପ୍ରମୋଦ ନାୟକ, ଲିଜାଲିନ ଭୋଇଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କଲେଜର ସମସ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।

## ଚମ୍ପାପୁରରେ ଆଇନ ସଚେତନତା କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି, ୨୧।୭ (ସମିସ): ଗଜପତି ଜିଲ୍ଲା ରାୟଗଡ଼ା ବ୍ଲକ ସାନତୁଣ୍ଡି ପଞ୍ଚାୟତ ଚମ୍ପାପୁର ଗ୍ରାମରେ ଆଜି ଜୁଭେନାଇଲ୍ ଜଷ୍ଟିସ (କେୟାର ଏଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ୍) ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଅଧ୍ୟକ୍ଷତା କରି ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ସମ୍ବନ୍ଧୀୟ ଅଧିକାର ସୁନିଶ୍ଚିତ କରିବାରେ ଏହି ଆଇନର ଗୁରୁତ୍' ବିଷୟରେ ଆଲୋକପାତ କରିଥିଲେ। ରାୟଗଡ଼ ଥାନା ଆଇଆଇସି ସ୍ୱପ୍ନା ଚୌଧୁରୀ, ସାନତୁଣ୍ଡି ସରପଞ୍ଚ ସଂଘମିତ୍ରା ଶବର, ରାୟଗଡ଼ ବ୍ଲକର ସହକାରୀ ବ୍ଲକ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା, ସମାଜସେବୀ ଲିଙ୍ଗରାଜ ପାଣିଗ୍ରାହୀ, ସିଆରସିସି ଲକ୍ଷ୍ମଣ ରାଓ ମଞ୍ଚାସୀନ ଅତିଥି ଥିଲେ। କାର୍ଯ୍ୟକ୍ରମରେ ଅତିଥି ଲୋକଙ୍କୁ ଉଲ୍ଲେଖିତ ଆଇନର ବିଭିନ୍ନ ବିଷୟରେ ସଚେତନ କରିବା ସହ ଶିଶୁ ଅଧିକାର ରକ୍ଷା ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଦେବା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ, ବିଦ୍ୟାଳୟର ଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶୈବପୀଠରେ କଉଡ଼ିଆଙ୍କ ଭିଡ

ଜି.ଉଦୟଗିରି, ୨୧।୭ (ସମିସ): ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ ବିଭିନ୍ନ ଶୈବ ପୀଠରେ କଉଡ଼ିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଜି.ଉଦୟଗିରି ସାଲୁଙ୍କି ନଦୀରୁ ପାଣି ଉଠାଇ ତୁଙ୍ଗି ପଞ୍ଚଲିଙ୍ଗେଶ୍ୱର, ଚକାପାଦ ବିରୁପାକ୍ଷ, ଜି.ଉଦୟଗିରି ଧବଳେଶ୍ୱର, ଆନନ୍ଦେଶ୍ୱର ଆଦି ଶୈବ ପୀଠରେ କାଉଡିଆ ଜଳ ଲାଗି କରିଥିଲେ। କାଉଡିଆ ମାନେ



ଚକାପାଦ ବିରୁପାକ୍ଷ ଓ ତୁଙ୍ଗି ପାଞ୍ଚଲିଙ୍ଗେଶ୍ୱରରେ ଜଳ ଲାଗି କରିବା ପାଇଁ ଶନିବାର ଠାରୁ ଯାତ୍ରା ଆରମ୍ଭ କରିଥିଲେ। ବୋଲବମ ହର ହର ବମ ଧ୍ୱନିରେ ଜି ଉଦୟଗିରି ପ୍ରକମ୍ପିତ ହେଉଥିଲା।

### ■ ନୂଆଗଡ଼ ବ୍ଲକ୍‌କୁ ଦାଦନ ପ୍ରବଣ ପଞ୍ଚାୟତସମିତି ଦାବି

## ୧୦୦ ପରିବର୍ତ୍ତେ ୩୦୦ ଦିନର କାମ ଦେବାକୁ ଅଭିଯୋଗପତ୍ର

ନୂଆଗଡ଼, ୨୧।୭ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସମ୍ବଲପୁର ପଞ୍ଚାୟତରେ ଜିଲ୍ଲା ପ୍ରଶାସନର ଜନଅଭିଯୋଗ ଶୁଣାଣିରେ ନୂଆଗଡ଼ ବ୍ଲକକୁ ଦାଦନ ପ୍ରବଣ ପଞ୍ଚାୟତସମିତି ଭାବେ ଗ୍ରହଣ କରି ମନରେଗା ଯୋଜନାର ଜବକାର୍ଡଧାରୀ ଅଣ କୁଶଳୀ ଶ୍ରମିକଙ୍କୁ ୧୦୦ ଦିନ ପରିବର୍ତ୍ତେ ୩୦୦ ଦିନର କର୍ମ ନିଯୁକ୍ତି ଦେବା ନିମନ୍ତେ ଦରଖାସ୍ତ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଛନ୍ତି ମେଟ୍ ବା ଗାଁ ସାଥୀ। ସୂଚନା ପ୍ରକାରେ ଏହି ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ଏଠାକାର ଲୋକେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ଅଞ୍ଚଳରେ ମଜୁରୀ କାର୍ଯ୍ୟ ଠିକ ଭାବରେ ପାଇ ପାରୁନଥିବାରୁ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସରକାରଙ୍କ ଲୋକାଭିମୁଖୀ ମନରେଗା ଯୋଜନା ମାଧ୍ୟମରେ ଜବ କାର୍ଡଧାରୀ ଅଣକୁଶଳୀ ଶ୍ରମିକ ୧୦୦ ଦିନର କାମ ପାଇବା ପରେ ଅନ୍ୟ କାମ ନଥିବାରୁ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତେଣୁ ରାଜ୍ୟ ସରକାର ଅଞ୍ଚଳର ଅଣ କୁଶଳୀ ଶ୍ରମିକଙ୍କ ପାଇଁ ସୁଚିନ୍ତା କରି ଜିଲ୍ଲାର ନୂଆଗଡ଼ ଏବଂ ମୋହନା ବ୍ଲକକୁ ଦାଦନ ପ୍ରବଣ ବ୍ଲକ ଭାବରେ ଘୋଷଣା କରିଥିଲେ। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନୂଆଗଡ଼ ବ୍ଲକର ମନରେଗାରେ ଜବକାର୍ଡଧାରୀ ଅଣ କୁଶଳୀ ଶ୍ରମିକଙ୍କୁ ବର୍ଷରେ ୧୦୦ ପରିବର୍ତ୍ତେ ୩୦୦ ଦିନର କର୍ମ ନିଯୁକ୍ତି ପାଉଥିଲେ; କିନ୍ତୁ ଚଳିତ ବର୍ଷ ୨୦୨୫-୨୬ ଆର୍ଥିକ ବର୍ଷରେ ଦୀର୍ଘ ୫ମାସ ହେଲାଣି ୧୦୦ ଦିନରୁ ଅଧିକ କର୍ମ ନିଯୁକ୍ତି ପାଇ ପାରୁ ନାହାଁନ୍ତି ଅଣକୁଶଳୀ ଶ୍ରମିକ। ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସରକାରଙ୍କ ନିଷ୍ପତ୍ତି ପ୍ରକାରେ ଏହି ବ୍ଲକ ଦାଦନ ପ୍ରବଣ ପଞ୍ଚାୟତ ସମିତି ଭାବେ ଗ୍ରହଣ କରି ମନରେଗା ଯୋଜନାର ଜବ କାର୍ଡଧାରୀ ଅଣକୁଶଳୀ ଶ୍ରମିକଙ୍କୁ ୩୦୦ ଦିନର କର୍ମ ନିଯୁକ୍ତି ଦେବା ନିମନ୍ତେ ଅନୁରୋଧ କରାଯାଇଛି। ଅଭିଯୋଗ ଶୁଣାଣିରେ ବ୍ଲକର ମେଟ୍ ବା ଗାଁସାଥୀ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିଛନ୍ତି।

# ପୁଣି ଥରେ ପଦାସାହିରେ ହାତୀ ଉପଦ୍ରବ

ଜି.ଉଦୟଗିରି, ୨୧।୭ (ସମିସ)

ଥମୁନି ହାତୀ ଉପଦ୍ରବ। ଦୀର୍ଘ ମାସ ହେଲା ମାଲିକପଡ଼ି, ପଦାସାହି, ରାଇପଦା, ନନ୍ଦଗିରି, ପିଡିକାମହା, ରିଟୁଡ଼ି, ମାଳାନସୁଗା, ଆଦି ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ କରୁଥିବା

- ଘର ଭାଙ୍ଗି ଆସବାବପତ୍ର ନଷ୍ଟ କଲେ
- ପାଞ୍ଚ ଜଣ ଅଳ୍ପକେ ବର୍ତ୍ତିଲେ



ବେଳେ ଆଜି ସହର ଉପକଣ୍ଠ ପଦାସାହିରେ ପୁଣି ଥରେ ଉପଦ୍ରବ କରିଥିବା ଦେଖିବାକୁ ମିଳିଛି। ରବିବାର ରାତିରେ ଦୁଇ ହାତୀ ଘରେ ପଶି ତିନି ବଖରା ଘର ଭିଙ୍ଗି ଥିବାବେଳେ ବହୁ ଆସବାବପତ୍ର ନଷ୍ଟ କରିବା ସହିତ ଗଛପତ୍ର ନଷ୍ଟ କରିଛନ୍ତି। ନିକଟରେ ଥିବା ଗୋବର୍ଦ୍ଧନ ପ୍ରଧାନଙ୍କ ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ହାତୀ ଘର ଭାଙ୍ଗିବା ଶବ୍ଦ ଶୁଣି ପରିବାରର ପାଞ୍ଚ ଜଣ ପଡ଼ିଉଠି ମୁଖ୍ୟ ରାସ୍ତାକୁ ଦୌଡ଼ି ପଳାଇ ଜୀବନ ରକ୍ଷା କରଥିଲେ। ଏମିତି ବାରମ୍ବାର ଘଟୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ। ଯାହାକୁ ନେଇ ସାଧାରଣ ଲୋକଙ୍କ ମନରେ ଭୟ ରହୁଥିବା ବେଳେ ଜୀବନ ଜୀବିକା ପ୍ରଭାବିତ ହେଉଛି। ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ କ୍ଷତିପୂରଣ କରିବା ପାଇଁ ସରକାରଙ୍କୁ ଜଣାଇଥିବା କହିଛନ୍ତି। ଅନ୍ୟପକ୍ଷରେ, ପୂର୍ବରୁ ଲଗାତାର ଦୁଇ ବର୍ଷ ହେଲା ହାତୀ ଉପଦ୍ରବରେ ପ୍ରଦୀପ ନାୟକଙ୍କ କଦଳୀ ବଗିଚା ବ୍ୟାପକ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସହାୟତା ମିଳି ନ ଥିବା ଶ୍ରୀ ନାୟକ କହିଛନ୍ତି। ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ପରିବାର ଅବସ୍ଥା ଦୟନୀୟ ହୋଇପଡ଼ିଥିବା ବେଳେ ଶୀଘ୍ର ସହାୟତା ପ୍ରଦାନ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

## ଘରକୁ ଫେରିବା ବାଟରେ କାଉଡ଼ିଆଙ୍କ ମୃତ୍ୟୁ

**ଛତ୍ରପୁର, ୨୧।୭(ସମିସ):** ଆଜି ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ଏଥିଲାଗି କାଉଡିଆମାନେ ବିଭିନ୍ନ ଶୈବ ପୀଠ ଜଳାଭିଷେକ କରିଛନ୍ତି। ଜଳାଭିଷେକ ସାରି ଘରକୁ ଫେରୁଥିବା ବେଳେ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତ୍ରପୁର ଥାନା ଅଧିନ ଭାସ୍କର ରାଓ ପେଟା ସାହିର ମାଧବ ସେଠୀ। ରବବାର ୧୪ ଜଣ କାଉଡିଆ ଗଞ୍ଜାମ ଋଷିକୂଲ୍ୟାରୁ ପାଣି ନେଇ ଗୋପାଳପୁର ଧବଳେଶ୍ୱର ପୀଠକୁ ଯାଇଥିଲେ। ସେଠାରେ ସୋମବାର ସକାଳେ ଜଳ ପକାଇ ଏକ ଅଟୋ ଯୋଗେ ଘରକୁ ଫେରିଥିଲେ। ଘର ନିକଟରେ ମାଧବଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ସ୍ଥାନୀୟ ଲୋକ ଓ ପରିବାର ଲୋକେ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଥିଲେ।

## ରାସ୍ତା ଖୋଲୁଥିବା ଗାଡ଼ି ଖସି ପଡ଼ିଲା

**ଖଲ୍ଲିକୋଟ,୨୧।୭(ସମିସ):** ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ସିପିଏ କନଷ୍ଟ୍ରାକ୍ସନ କମ୍ପାନୀର ଗୋଟିଏ ପୋକ୍‌ଲିନ୍ ଏକ୍ସାଭିଟର ଗାଡି ବ୍ରିଜ ତଳକୁ ଖସି ପଡିଛି। ଆଜି ଅପରାହ୍ନରେ ଗଞ୍ଜାମ-ଖୋର୍ଦ୍ଧା ଜିଲ୍ଲା ସୀମାରେ ଥିବା ଜଲି ଶଙ୍ଖ ବ୍ରିଜରେ ରାସ୍ତା ଖୋଲୁଥିବା ବେଳେ ପୋକ୍‌ଲିନ୍ ଏକ୍ସାଭିଟର ଗାଡିଟି ହଠାତ ବ୍ରିଜ ତଳକୁ ଖସି ପଡିଥିଲା। ତେବେ ଏହି ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ଟ୍ରାକ୍ଟର୍ ଧକ୍କାରେ ବାଇକ୍‌ଚାଳକ ମୃତ

**ରଙ୍ଗେଇଲୁଣ୍ଡା,୨୧।୭(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ ମାଝି ଗାଁ ଛକରେ ସୋମବାର ସକାଳେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲ୍ଲା ତିହିଡ଼ିର ବିଶ୍ୱ ରଞ୍ଜନ ନାୟକ (୨୫)। ସେ ଲଉଡ଼ି ଗାଁଠାରେ ଆଇଜର ଶିକ୍ଷାନୁଷ୍ଠାନ ପରିସରରେ କାମ ନେଇଥିବା ସିଜେଏମ ପ୍ରୋଜେକ୍ଟରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିଲେ। ସୋମବାର ସକାଳ ୯ଟା ବେଳେ ବାଇକ୍ ଯୋଗେ କନିଷି ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର (ଓଡି ୦୭ ଏବେ ୫୯୯୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ଦାଦା ମୁକ୍ତିକାନ୍ତ ନାୟକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଶବ ଜବତ କରିବା ସହ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରାକ୍ଟର ଜବତ କରିଛି।

## ପ୍ରଧାନଶିକ୍ଷକଙ୍କ ଘରୁ ସୁନା ଅଳଙ୍କାର ଚୋରି

**ସାନଖେମୁଣ୍ଡି,୨୧।୭(ସମିସ):** ପାଟପୁର ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମରୁ ଦୁଇଟି ଘରୁ ସୁନା ଅଳଙ୍କାର ସହ ଟଙ୍କା ଚୋରି ଅଭିଯୋଗ ହୋଇଛି। ଗ୍ରାମର ପ୍ରଧାନଶିକ୍ଷକ ଟୁକୁନା ପ୍ରଧାନ ଓ ଜଗନ୍ନାଥ ମଣ୍ଡଳଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଟୁକୁନା ପ୍ରଧାନ ସୋମବାର ପାଟପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ରବିବାର ରାତ୍ର ଟୁକୁନାଙ୍କ ଘରେ ତାଙ୍କ ମାଆ ଓ ଭଉଣୀ ଘରେ ଖାଇକି ଶୋଇଥିବା ବେଳେ ବିଳମ୍ବିତ ରାତ୍ର କେହି ଦୁର୍ବୃତ୍ତ ତାଙ୍କ ବାରି ପଟ କବାଟ ଭାଙ୍ଗି ଘରେ ଥିବା ଆଲମାରୀ ଭାଙ୍ଗି ସେଥିରେ ଥିବା ଦୁଇଟି ସୁନାର ଚେନ, ଦୁଇଟି ସୁନାର ମୁଦି, ଗୋଟାଏ ସୁନାର ପତିରି ମାଳିକୁ ନେଇଯାଇଥିବା ବେଳେ ଜଗନ୍ନାଥ ମଣ୍ଡଳ ଘର ବାରିପଟ ଘରର ତାଲା ଭାଙ୍ଗି ଘରେ ଥିବା କିଛି ଟଙ୍କାକୁ ଚୋରି କରିକି ନେଇଯାଇଥିଲେ। ଏହି ବିଷୟରେ ଟୁକୁନା ପ୍ରଧାନ ଜାଣିବା ପରେ ଗ୍ରାମରେ ପହଞ୍ଚି ଖୋଜା ଖୋଜି କରିବା ପରେ କୌଣସି ସନ୍ଧାନ ନ ପାଇ ପାଟପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଡ଼ାମାରି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଗ୍ରାମରେ ଏଭଳି ଚୋରିକୁ ନେଇ ଗ୍ରାମବାସୀ ଭୟଭୀତ ଥିବା ଜଣାପଡିଛି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ା କଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୁନା ଓ ରୁପା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**ରଙ୍ଗେଇଲୁଣ୍ଡା,୨୧।୭(ସମିସ):** କିଛି ମାସ ହେଲା ଗୋଳନ୍ଥରା ଥାନାଞ୍ଚଳ ଲୁଟେରା ଦଳମାନେ ମୁଣ୍ଡ ଟେକିଛନ୍ତି। ରବିବାର ରାତି ଲୁଟେରାମାନେ ଘର ପଛ ପଟୁ କାବଟା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ସୋମବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ବଡ଼ ବିଶ୍ୱନାଥପୁର ଗ୍ରାମରେ ଶାନ୍ତି ଲତା ନାୟକ ସବୁ ଦିନ ପରି ରବିବାର ରାତି ଖାଇବା ପରେ ଦାଣ୍ଡ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘର ପଛ କାବଟା ତାଡି ପଶିଥିଲେ। ଆଲମିରାରେ ଭାଙ୍ଗି ପାଞ୍ଚ ତୁଳା ସୁନା ଅଳଙ୍କାର, ୨୦ ତୁଳା ରୁପା ଅଳଙ୍କାର ଓ ଅନ୍ୟ ଆସବାବପତ୍ର ନେଉଥିବା ସମୟରେ ଶାନ୍ତିଲତା ଉଠି ପଡିଥିଲେ। ପାଟି ଶୁଣି ଦୁର୍ବୃତ୍ତମାନେ ଶାନ୍ତିଲତା ରୁମ ଗେଡା ପକେଇ ଦେଇ ବାରି ପଟୁ ଦୁର୍ବୃତ୍ତମାନେ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଗୋଳନ୍ଥରା ଥାନା ଏସଆଇ ଗଗନ ବେହେରା ଓ ଅନ୍ୟ ପୁଲିସ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରିଥିବା ବେଳେ ପରିବାର ଲୋକ ସୋମବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନଥିବା ଜଣାପଡିଛି।

## ଶିକ୍ଷା ତାଲିମ ଶିବିର

**ସୋରଡ଼ା ୨୧।୭(ସମିସ):** ସୋରଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ରମେଶଚନ୍ଦ୍ର ସାହୁଙ୍କ ଆହ୍ୱାନକ୍ରମେ ନିଷ୍ଠା ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଇଁ ମିଳୁଥିବା ସୁବିଧା ଓ ସୁପରିଚାଳନା ସହିତ ସାର୍ବଜନିନ ଶିକ୍ଷଣ ଢାଞ୍ଚା ଦ୍ୱାରା ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ନିମିତ୍ତ ଏକ କାର୍ଯ୍ୟକ୍ରମ ବ୍ଲକ କଲୋନୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶିଳା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବିଦ୍ୟାଳୟ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଅରୁତାନନ୍ଦ ସେଠୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଜଗନ୍ନାଥ ବେହେରା, ଚାରି ଜଣ ପ୍ରଶିକ୍ଷକ ୨୧୬ଟି ବିଦ୍ୟାଳୟର ଶିକ୍ଷକଙ୍କୁ ଅନ୍ତର୍ନିବେଶି ଶିକ୍ଷା ନେଇ ପ୍ରଶିକ୍ଷିତ କରାଇଛନ୍ତି। ଶିକ୍ଷକଙ୍କୁ ମାନପତ୍ର ଆଦି ପ୍ରଦାନ କରି ଦାୟିତ୍ୱବୋଧ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା।

### ୬୧୯୪ ହିତାଧିକାରୀଙ୍କ ଇ-କେୱାଇସି ବାକି

# ରାସନକାର୍ଡ ସଂଯୋଗୀକରଣ ପୋର୍ଟାଲ ଖୋଲିବ କେବେ ?

**ଶେରଗଡ଼,୨୧।୭(ସମିସ):** ବର୍ଷ ବର୍ଷ ଧରି ଯୋଗାଣ ବିଭାଗର ନୂତନ ରାସନକାର୍ଡ ପୋର୍ଟାଲ ବନ୍ଦ ରହିଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହି ପୋର୍ଟାଲ ତୁରନ୍ତ ଖୋଲାଯିବ ବୋଲି ଆଶା ଥିଲା, ହେଲେ ଉଚ୍ଚତମ ନ୍ୟାୟାଳୟ ପକ୍ଷରୁ ରାସନକାର୍ଡଧାରୀଙ୍କୁ ପ୍ରଥମେ ନୂତନ ରାସନ କାର୍ଡରେ ସାମିଲ କରାଯିବ ବୋଲି ନିର୍ଦ୍ଦେଶ ଦିଆଯିବା ପରେ ଶେରଗଡ ବ୍ଲକରେ ପ୍ରାୟ ୭୦୦ ଜଣ ଶ୍ରମ କାର୍ଡଧାରୀଙ୍କ ନାମ ବ୍ଲକକୁ ଆସିଥିଲା। ଗତ ଡିସେମ୍ବର ମାସରୁ ଏହି କାର୍ଯ୍ୟ ଶେଷ ହୋଇଯାଇଛି। ଏହାପରେ ନୂତନ ସରକାର ଦୀର୍ଘ ଦିନ ଧରି ଅଟକ ଥିବା ରାସନକାର୍ଡ ପୋର୍ଟାଲକୁ ଖୋଲିବା ସହିତ ବହୁ ପୂର୍ବରୁ ନୂତନ କାର୍ଡ ଲାଗି ଅନଲାଇନରେ ଆବେଦନ କରିଥିବା ତାଲିକା ଯାଞ୍ଚ ପୂର୍ବକ ନୂତନ କାର୍ଡ ବଣ୍ଟନ ଲାଗି ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ଦୀର୍ଘ ବର୍ଷ ଧରି ଅନଲାଇନରେ ଶେରଗଡ ବ୍ଲକରୁ ପ୍ରାୟ ୯୧୦୦ ରହିଛନ୍ତି। ପୋର୍ଟାଲରେ କେବଳ ନୂତନ କାର୍ଡ କାର୍ଯ୍ୟ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ପୁରୁଣା କାର୍ଡରେ ସେହି ପରିବାରର ବ୍ୟକ୍ତିଙ୍କୁ ଯୋଗ କରିବାର କୌଣସି ବ୍ୟବସ୍ଥା ନାହିଁ। ଏଣୁ ଶେରଗଡ ବ୍ଲକରେ ପାଖାପାଖି ୯୧୦୦ ବ୍ୟକ୍ତି ନିଜର ପରିବାର ରାସନକାର୍ଡରେ ନାମ ଯୋଗ କରିପାରୁନାହାନ୍ତି। ଫଳରେ ସେମାନେ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ପଟେ ସମସ୍ତ ରାସନକାର୍ଡଧାରୀ ମାନଙ୍କୁ ଇ-କେୱାଇସି କରିବା ଲାଗି ନୂତନ ସରକାର ବାଧ୍ୟତାମୂଳକ କରିଥିଲେ। ହେଲେ ଏହାର ସମୟସୀମା ବାରମ୍ବାର ପରିବର୍ତ୍ତନ କରୁଥିଲେ ମଧ୍ୟ ଏଯାଏଁ ଶେରଗଡ ବ୍ଲକରେ ୬୯୯୪ ଜଣ ଇ-କେୱାଇସି କରି ନଥିବା ସୂଚନା ମିଳିଛି। ପ୍ରକାଶ ଯେ,ଶେରଗଡ ବ୍ଲକରେ ୨୨ଟି ପଞ୍ଚାୟତ ଲାଗି ୨୧ଟି ପଞ୍ଚାୟତ ଓ ଡେଙ୍ଗାପଦରରେ ଥିବା ସେବା ସମବାୟ ସମିତିକୁ ଦିଆଯାଇଛି। ଶେରଗଡ ବ୍ଲକରେ ବର୍ତ୍ତମାନ ୩୦୫୦୨ଟି ରାସନକାର୍ଡ ଥିବା ବେଳେ ୧୧୦୩୯୨ ଜଣ ବ୍ୟକ୍ତି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଅଛନ୍ତି। ସେଥିମଧ୍ୟରୁ ୩୭୬ ଟି କାର୍ଡ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବାର ସୂଚନା ମିଳିଛି। ଇ-କେୱାଇସି କାର୍ଯ୍ୟ ସମୟରେ ଯୋଗାଣ ବିଭାଗ କାର୍ଡ ଯାଞ୍ଚ କରିବା ସହିତ ମୃତ ବ୍ୟକ୍ତି ଚିହ୍ନଟ କରି ୫୦ଟି କାର୍ଡ ବାତିଲ କରିଥିଲେ। ଯେଉଁ ବ୍ୟକ୍ତି ରିଟେଲର କେନ୍ଦ୍ରରେ ବର୍ତ୍ତମାନ ପର୍ଯ୍ୟନ୍ତ ଇ-କେୱାଇସି କରିନାହାନ୍ତି ୬୧୯୪ ବ୍ୟକ୍ତିଙ୍କର କଣ ହେବ, ସେନେଇ ଅନିଶ୍ଚିତତା ଜାରି ରହିଛି। ଶ୍ରମିକ ପରିବାରର ପୁରୁଣା କାର୍ଡରେ ନାମ ଥିବାରୁ ସେମାନଙ୍କର ସ୍ତ୍ରୀ ଏବଂ ପିଲା ଛୁଆ ନୂତନ କାର୍ଡ ଆବେଦନ କରିଥିଲେ ହେଲେ ସେମାନଙ୍କୁ ନୂତନ କାର୍ଡ ଦିଆଯାଇନାହିଁ। ସେମାନଙ୍କୁ ପରିବାରର କାର୍ଡରେ ଯୋଗ କରାଯିବାର ନିୟମ ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଉଥିଲା ବେଳେ ନାମ ଯୋଗ ଲାଗି ପୋର୍ଟାଲ ବନ୍ଦ ଥିବାରୁ ପରିବାରର କାର୍ଡରେ ବଞ୍ଚିତ ଥିବା ଅନ୍ୟ ଲୋକମାନଙ୍କର ଏବଂ ପିଲାଙ୍କ ନାମ ଯୋଗ ହୋଇପାରୁନାହିଁ। ସେହିପରି ଜନସଂଖ୍ୟା ବୃଦ୍ଧି ପରିବାରର ମଧ୍ୟ ବର୍ଷ ବର୍ଷ ଧରି ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ଏବଂ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବୈଦ୍ୟନାଥଙ୍କ ପୀଠରେ ଏକ ଲକ୍ଷ ଆଠ ବେଲପତ୍ର ଅର୍ପଣ



**ଧରାକୋଟ, ୨୧।୭(ସମିସ):** ଧରାକୋଟ ବ୍ଲକ ଅନ୍ତର୍ଗତ ତିଳୋତ୍ତମାଦେଇପୁର ଶାସନ ସ୍ଥିତ ମା ଦକ୍ଷିଣ କାଳୀଙ୍କ ପୀଠ ସମ୍ମୁଖରେ ଥିବା ପ୍ରଭୁ ବୈଦ୍ୟନାଥ ମହାଦେବଙ୍କ ପୀଠରେ ବିଶ୍ୱର କଲ୍ୟାଣ ସକାଶେ ଏକ ଲକ୍ଷ ଆଠ ବେଲପତ୍ର ଅର୍ପଣ ସହିତ ଶତରୁଦ୍ରାଭିଷେକ, ବେଦପାଠ, ହୋମଯଜ୍ଞ ଏବଂ ଭଗବାନ ବିଷ୍ଣୁଙ୍କ ଦଶାବତାର ବଡ଼ସିଂହାର ଗାଥା ଓ ଭଜନ କୀର୍ତ୍ତନ ଗାୟନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଧରାକୋଟ ନବଶାସନସ୍ଥିତ ବ୍ରାହ୍ମଣମଣ୍ଡଳୀ ଓ ବାହାରୁ ଆସିଥିବା ବହୁ ବିଦ୍ୱାନ୍ ପଣ୍ଡିତ ମାନେ ଉପସ୍ଥିତ ରହି ବେଦଧ୍ୱନି ସହ ପୂଜାକର୍ମ ଓ ହୋମବିଧି ଶାସ୍ତ୍ର ଅନୁଯାୟୀ ସଂପନ୍ନ କରିଥିଲେ। ଏହାପରେ ଓଁ ନମଃ ଶିବାୟ ମନ୍ତ୍ର ଦ୍ୱାରା ଏକ ଲକ୍ଷ୍ୟ ଆଠ ବେଲପତ୍ରକୁ ମହାଦେବ ବୈଦ୍ୟନାଥଙ୍କ ଶକ୍ତିରେ ଅର୍ପଣ କରିଥିଲେ। ଶ୍ୟାମଘନପୁର ଶାସନ ଓ ତିଳୋତ୍ତମାଦେଇପୁର ଶାସନ ଉଭୟ ଗ୍ରାମବାସୀଙ୍କ ଦ୍ୱାରା ଏହି ଧାର୍ମିକ କାର୍ଯ୍ୟଟି ଆୟୋଜିତ ହୋଇଥିବା ବେଳେ ସମସ୍ତ ବ୍ରାହ୍ମଣ ମଣ୍ଡଳୀ ଏବଂ ଭକ୍ତଗଣ ସହଯୋଗ କରିଥିଲେ।

## କଲେଜରେ ଯୌନ ନିର୍ଯାତନା ବିରୋଧୀ ସଚେତନତା

**ସୋରଡା,୨୧।୭(ସମିସ):** ଋଷିକୂଲ୍ୟା ସ୍ନାତକ ମହାବିଦ୍ୟାଳୟରେ ଯୌନ ବିରୋଧୀ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମେଶଚନ୍ଦ୍ର ପାଢ଼ୀଙ୍କ ଆୟୋଜନକ୍ରମେ କମିଟି ସଭା ନେତ୍ରୀ ସିପ୍ରା ପାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଷ୍ୟରେ ସେମାନଙ୍କ ପ୍ରତି ମାନସିକ, ଶାରୀରିକ, ଯୌନ ଶୋଷଣ ଭଳି ସ୍ୱର୍ଶକତା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଦୀପ କୁମାର ସ୍ୱାଇଁ ଯୌନ ଶୋଷଣ ବିଭିନ୍ନ ପରିସ୍ଥିତିରେ ସେଥିରୁ ବଞ୍ଚିବାର ଉପାୟ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସୁଧାଂଶୁ ଶେଖର ପଣ୍ଡା, ଛାତ୍ରୀ ସୁଶ୍ରୀ ଶିବାନି ଗୌଡ଼, ସାଇସନ୍ଧ୍ୟା ପ୍ରଧାନ, ସୁମନ ରାଣୀ ଗୌଡ଼, ଇତିଶ୍ରୀ ବିଷୋୟୀ, ସାବିତ୍ରୀ ଗୌଡ଼ ନିଜର ଅନୁଭୂତି ଆଦି ବର୍ଣ୍ଣନା କରିଥିଲେ। ଅଧ୍ୟାପକ ବିଷ୍ଣୁବିଭବ ସାହୁ, ପ୍ରଦୀପ କୁମାର ସାହୁ, ସନ୍ତୋଷ ପାତ୍ର ବାଇମନ ଡାକୁଆ ପ୍ରମୁଖ ଉପସ୍ଥିତ ଥିବାବେଳେ ଆବାହକ ଡ଼ା ହୃଷୀକେଶ ମିଶ୍ର ସଂଯୋଜନା କରିଥିଲେ।

## ଆରମ୍ଭ ହେଲା ଚାଷୀ ପଞ୍ଜୀକରଣ

**ଶେରଗଡ଼,୨୧।୭(ସମିସ):** ୨୦୨୫-୨୬ ଖରିଫ ଋତୁରେ ଧାନ ବିକ୍ରୟ କରିବା ଲାଗି ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ଶେରଗଡ ବ୍ଲକର ୧୫ଟି ସେବା ସମବାୟ ସମିତି, ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ଅଗଷ୍ଟ ମାସ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତା ନଭେମ୍ବର ମାସ ପ୍ରଥମ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତା ସେପ୍ଟେମ୍ବର ମାସ ୦୯ ତାରିଖ ସୁଦ୍ଧା ଚାଷୀଙ୍କ ତଥ୍ୟ ଯାଞ୍ଚ ପ୍ରକ୍ରିୟା ଶେଷ ହେବ ଏବଂ ସେପ୍ଟେମ୍ବର ମାସ ୩୦ ତାରିଖ ସୁଦ୍ଧା ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ ପାଇବ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଏକ ନିର୍ଭୁଲ ଏବଂ ଯୋଗ୍ୟ ଚାଷୀ ନାମ ପଞ୍ଜିକରଣ ତାଲିକା ଯେପରି ପ୍ରସ୍ତୁତ ହୋଇପାରିବ, ତାକୁ ଦୃଷ୍ଟିରେ ରଖି ସମବାୟ ସମିତି ସମୂହ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀ ପଞ୍ଜିକରଣ ପ୍ରକ୍ରିୟାରେ ଚାଷୀଙ୍କ ଆଧାର ନମ୍ବର ସହ ବ୍ୟାଙ୍କ ଜମା ଖାତାକୁ ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି।

ଏହାଫଳରେ ଇ-କେୱାଇସି ଅପଡେଟ ହୋଇପାରିବ। ସେହିଭଳି ସରକାର ଚଳିତ ବର୍ଷ ଭାଗଚାଷୀଙ୍କ କ୍ଷେତ୍ରରେ ନୂଆ ନିୟମ ଧାର୍ଯ୍ୟ କରିଛନ୍ତି। ଯାହାଦ୍ୱାରା ଭାଗଚାଷୀ ଉପକୃତ ହେବାରେ ବିଶେଷ ସହାୟକ ହେବ।

### ପେଟ୍ରୋଲ୍ ପମ୍ପ ଆଗରେ ଲାଗିଲା ଷ୍ଟିକର୍

## ବୋତଲରେ ମିଳିବନି ତେଲ




**ଛତ୍ରପୁର,୨୧।୭(ସମିସ):** ଓଡ଼ିଶାରେ ଆଜିଠୁ ପେଟ୍ରୋଲ ପମ୍ପଗୁଡ଼ିକରେ ଖୋଲା ବୋତଲ କିମ୍ବା ପାତ୍ରରେ ପେଟ୍ରୋଲ ଦିଆଯିବ ନାହିଁ ବୋଲି ଓଡ଼ିଶା ପେଟ୍ରୋଲିୟମ ଡିଲରସ ଆସୋସିଏସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପେଟ୍ରୋଲ ପମ୍ପ କର୍ମଚାରୀମାନଙ୍କୁ ମଧ୍ୟ ନିୟମ ପାଳନ କରିବାକୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଗ୍ରାହକଙ୍କୁ ମଧ୍ୟ ନିୟମ ପାଳନ କରି କେବଳ ଗାଡ଼ିରେ ପେଟ୍ରୋଲ ଭରିବାକୁ ଅନୁରୋଧ କରାଯାଇଛି। ଏନେଇ ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ଥିବା ପେଟ୍ରୋଲ ପମ୍ପରେ ଆଗରେ ବୋତଲ ରେ ପେଟ୍ରୋଲ ଦିଆଯିବ ନାହିଁ ବୋଲି ଷ୍ଟିକର ଲଗାଯାଇଛି। ଏହାସହିତ ଗ୍ରାହକଙ୍କୁ ମଧ୍ୟ ଏ ସମ୍ବନ୍ଧରେ ଅବଗତ କରାଉଛି। ସୂଚନାଯୋଗ୍ୟ, ବାଲେଶ୍ୱର ଏବଂ ବଲଙ୍ଗୀରରେ ସମ୍ପ୍ରତି ଘଟିଥିବା ଅଘଟଣ ପରେ ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ପେଟ୍ରୋଲିୟମ ଡିଲରସ ଆସୋସିଏଶନ ନିଷ୍ପତ୍ତି ନେଇଥିଲା।

## କୁଇନ୍ସ ସେଣ୍ଟରରେ ଚେସ୍ ପ୍ରତିଯୋଗିତା



**କବିସୂର୍ଯ୍ୟନଗର,୨୧।୭(ସମିସ):** କବିସୂର୍ଯ୍ୟନଗର ଚେସ ଏକାଡେମୀ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଚେସ ଦିବସରେ ଚେସ ପ୍ରତିଯୋଗିତା ଶିବିର ଉଦଯାପିତ ହୋଇଯାଇଛି। ଏସ. ଗୋରାଚାନ୍ଦ ରେଡ୍ଡି ସିନିଅର ଭାବେ ବିଜୟୀ ହୋଇଥିବା ବେଳେ ରନର ଭାବେ ସଂଜୀବ କୁମାର ଚର୍ଚ୍ଚି ବିଜୟୀ ହୋଇଥିଲେ। ପରିଚାଳକ ସୁରେଶ ମାଧବ କର, ସହଯୋଗୀ ଶଶାଙ୍କ ଶେଖର ସାହୁ, ସଭାପତି ପ୍ରଭାସଚନ୍ଦ୍ର ନାହାକ, କୁଇନ୍ସ ଚେସ ସେଣ୍ଟର କୋଚ ଅଜୟ କୁମାର ଜେନା ସହଯୋଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ଜଣ ଚେସ ଖେଳାଳି ଭାଗ ନେଇଥିଲେ। ମୋଟ ୫ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ୧୫ ବର୍ଷ ବର୍ଗରେ ପ୍ରଥମ ସ୍ଥାନରେ ପ୍ରତ୍ୟୁଷାରାଣି କର ଓ ଦ୍ୱିତୀୟରେ ଶ୍ରୀୟା ରାଉତ, ୧୩ ବର୍ଷ ବର୍ଗରେ ପ୍ରଥମ ସ୍ଥାନରେ ଖୁସବୁ ସ୍ୱାଇଁ ଓ ଦ୍ୱିତୀୟ ଭାବେ ସଗୁନମିଶ୍ର, ୧୧ ବର୍ଷ ବର୍ଗରେ ପ୍ରଥମ ଭାବେ ବାଦଲ ରାଉତ ଓ ଦ୍ୱିତୀୟ ଭାବେ କୀର୍ତ୍ତିମୟୀ ଶତପଥୀ, ୯ ବର୍ଷ ବର୍ଗରେ ପ୍ରଥମ ନୃସିଂହନାଥ କର ଓ ଦ୍ୱିତୀୟ ପ୍ରିୟଜିତ ପ୍ରଧାନ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ବିଚାରକ ତଥା ଅନୁଷ୍ଠାନ ସଭାପତି ପ୍ରଭାସଚନ୍ଦ୍ର ନାହାକ ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରମ୍ଭା,୨୧।୭(ସମିସ):** ରାମଗଡ଼ ପଞ୍ଚାୟତ ଅଧୀନସ୍ଥ ପାଲୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ବିଜୟ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୀତା କୁମାରୀ ମିଶ୍ର, ପୂର୍ବତନ ଏବିଇଓ ତଥା କୈବଲ୍ୟ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୋହିତ କୁମାର ଦାସ, ସିଆରସିସି ଅତିନ୍ଦ୍ରିୟ ପାଟଯୋଶୀ, ସିଆରସି ଲକ୍ଷ୍ମଣ ସେଠୀ, ସିଆରସିସି ସୁଶାନ୍ତ କୁମାର ତରାଇ, ନିଉପୋଡମପେଟା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନୁର୍ଦ୍ଧର ବେହେରା, ଅରୁଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବେହେରା, ଏବଂ ମୁଖ୍ୟବକ୍ତା ଭାବେ ପାଲୁର ତାଲୁକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେହେରା ପ୍ରମୁଖ ମଞ୍ଚାସିନ ରହି ଅବସର ପ୍ରାପ୍ତ ଶିକ୍ଷକ ବିଜୟ ମହାନ୍ତିଙ୍କ ଶିକ୍ଷକତା ଜୀବନ ଉପରେ ଆଲୋକପାତ କରିଥିଲେ। ପରେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ବେହେରାଙ୍କ ମା'ଙ୍କ ନାମରେ ଏକ ଅଁଳା ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ରାମକୃଷ୍ଣ ବେହେରା ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଟିକିନା ବେହେରା ଓ ରଶ୍ମିତା ବେହେରା ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ବିଶ୍ୱରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### 'ସୁଭଦ୍ରା' ପ୍ରତାରଣା

## ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

**କୁକୁଡ଼ାଖଣ୍ଡି, ୨୧।୭(ସମିସ):** ମହିଳା ଭୋଟ ହାତେଇବାକୁ ବିଜେପି ସରକାର ଓଡ଼ିଶାରେ ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନା ଅନୁସାରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ପାଞ୍ଚବର୍ଷରେ ୫୦ ହଜାର ଟଙ୍କା ପାଇବେ। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ପ୍ରତିଶ୍ରୁତି ମୁତାବକ ଏହି ଯୋଜନା ଲାଗୁ କରିଥିଲେ। ଇତିମଧ୍ୟରେ ତୃତୀୟ କିସ୍ତି ଟଙ୍କା ଆସିବ। ହେଲେ ଆଜିବି ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କୁକୁଡ଼ାଖଣ୍ଡି ବ୍ଲକ ନିକଟସ୍ଥ



ଦୟାପଲ୍ଲୀ ଗାଁରେ। ଏହି ଗାଁର ୨ ନମ୍ବର ୱାର୍ଡ ହିତାଧିକାରୀ ପାଙ୍ଗା ରାଜଲକ୍ଷ୍ମୀଙ୍କ କହିବା ଅନୁସାରେ, ସେ ୩୦ ସେପ୍ଟେମ୍ବର ୨୦୨୪ରେ ସୁଭଦ୍ରା ଯୋଜନା ଲାଗି ଆବେଦନ କରିଥିଲେ। ହେଲେ ତାଙ୍କର ବିଭିନ୍ନ

### ପ୍ରଶାସନର ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

କିସମର ୧୫ ଏକର ଜମି ଥିବା ଦର୍ଶାଇ ତାଙ୍କ ଫର୍ମକୁ ନାକଚ କରାଯାଇଥିଲା। ଏହି ବାବଦରେ ସେ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ହିଞ୍ଜିଳିକାଟୁ ସିଡ଼ିପିଓ କାର୍ଯ୍ୟାଳୟ ପତ୍ର ନମ୍ବର–୪୦୨, ତାରିଖ-୧୯.୦୩.୨୦୨୫ ପ୍ରକାରେ ଶ୍ରୀମତୀ ରାଜଲକ୍ଷ୍ମୀ ଓ ତାଙ୍କ ପରିବାରଙ୍କ କୌଣସି ଚାଷ ଜମି ନାହିଁ ବୋଲି ଦର୍ଶାଯାଇଛି ଏବଂ ଜିଲ୍ଲା ସମାଜ କଲ୍ୟାଣୀ ଅଧିକାରୀ ପତ୍ର ନମ୍ବର-୧୮୬୩, ୨୮.୦୩.୨୦୨୫ ମାଧ୍ୟମରେ ସେ ସୁଭଦ୍ରା ଯୋଜନା ପାଇବାକୁ ଯୋଗ୍ୟା ବୋଲି ଦର୍ଶାଇଛନ୍ତି। ଇତିମଧ୍ୟରେ ଦୀର୍ଘ ୭ ମାସ ବିତିଗଲାଣି। ହେଲେ ରାଜଲକ୍ଷ୍ମୀ ଏହି ଯୋଜନାରୁ ଗୋଟିଏ କିସ୍ତି ବି ପାଇ ନଥିବା ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଅଜଣା ଜନ୍ତୁ ଆକ୍ରମଣରେ ୧୦ ମେଣ୍ଢା ଓ ଛେଳି ମୃତ

**ସାନଖେମୁଣ୍ଡି,୨୧।୭(ସମିସ):** ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଗଙ୍ଗାପୁର ଗ୍ରାମ ଜଙ୍ଗଲ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ଅଜଣା ଜନ୍ତୁ ଆକ୍ରମଣରେ ୧୦ଟି ମେଣ୍ଢା ଓ ଛେଳି ଛୁଆର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗଙ୍ଗାପୁର ଗ୍ରାମର ମହେଶ୍ୱର ଗୌଡ଼ ଗାଁଠାରୁ କିଛି ଦୂରରେ ଗୁହାଳ କରି ସେଠାରେ କିଛି ମେଣ୍ଢା ଓ ଛେଳି ପାଳନ କରିଥିଲେ।

ସୋମବାର ମହେଶ୍ୱରଙ୍କ ଗୁହାଳରେ କିଛି ମେଣ୍ଢା ଓ ଛେଳି ଛୁଆକୁ ଛାଡ଼ି ବଡ ଛେଳି, ମେଣ୍ଢା ଓ ଗାଈକୁ ଜଙ୍ଗଲକୁ ଚରାଇବାକୁ ନିଆଯାଇଥିଲା। ସେ ଜଙ୍ଗଲରେ ମେଣ୍ଢା ଛେଳି ଚରାଉଥିବା ବେଳେ ଦିନ ପ୍ରାୟ ୨ଟାରେ ମହେଶ୍ୱରଙ୍କ ପୁଅ ଟୁକୁନା ଗୌଡ଼ ଗୁହାଳକୁ ଯାଇ ଦେଖିଲା ବେଳକୁ ଏକ ଜଙ୍ଗଲି ଜନ୍ତୁ ବା ଚିତା ବାଘ ସଦୃଶ ମେଣ୍ଢା ଓ ଛେଳିଗୁଡ଼ିକୁ ଖାଇବାର ଦେଖି ଚିତ୍କାର କରିବାରୁ ଉକ୍ତ ଜନ୍ତୁଟି ଡେଇଁ କି ଚାଲିଯାଇଥିଲା। ଘଟଣାସ୍ଥଳରେ ପ୍ରାଣୀ ଚିକିତ୍ସାଧିକାରୀ ପହଞ୍ଚି ୧୦ଟି ମେଣ୍ଢା ଓ ଛେଳିଙ୍କ ମୃତଦେହ ଦେଖି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମିଥୁନ ସେଠୀ ଏନେଇ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିବା ବେଳେ କୌଣସି ଅଧିକାରୀ ସେଠାରେ ପହଞ୍ଚି ନଥିବା ଜଣାପଡିଛି। ୧୦ ଦିନ ପୂର୍ବେ କିଛି ମେଣ୍ଢା, ଛେଳି ଛୁଆର ମୃତ୍ୟୁ ହୋଇଥିବା ବେଳେ ଆଜି ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନଥିବା କି କ୍ଷତିପୂରଣ ମିଳି ନଥିବା କହିଛନ୍ତି।

ମୃତ ମେଣ୍ଢାଙ୍କ ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ହେବ। ତେଣୁ ତାଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। କୌଣସି ବନ୍ୟଜନ୍ତୁ ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି।

